# ଆଉ ୩୪୨ ଆକ୍ରାନ୍ତ, ୩୮୭ ସୁସ୍ଥ

**ଭୁବନେଶ୍ୱର,୧୫।୯/ଏନ୍‌ଏନ୍‌ଏସ୍:** ରାଜଧାନୀ ଭୁବନେଶ୍ୱରରୁ ମଙ୍ଗଳବାର ୩୪୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହି ଆକ୍ରାନ୍ତଙ୍କ ମଧ୍ୟରେ ସଙ୍ଗରୋଧରୁ ୯୮ ଜଣ ଚିହ୍ନଟ ହୋଇଥିବା ବେଳେ ବାକି ୨୪୪ ଜଣ ସ୍ଥାନୀୟ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି। ଏହି ସଂଖ୍ୟାକୁ ମିଶାଇ ରାଜଧାନୀ ଭୁବନେଶ୍ୱରରେ ଏବେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୬ ହଜାର ୯୩୩କୁ ବୃଦ୍ଧିପାଇଛି। ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଏନେଇ ଟୁଇଟ୍ ଜରିଆରେ ସୂଚନା ଦଆଯାଇଛି। ଯଦିଓ ଗତ କିଛି ଦିନ ହେବ ସହରରେ ଆକ୍ରାନ୍ତଙ୍କ ସଂଖ୍ୟା ସାମାନ୍ୟ ହ୍ରାସ ପାଇଛି, ହେଲେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ଇତି ମଧ୍ୟରେ ୧୭ ହଜାର ନିକଟତର ହୋଇଛି।

**-ଆକ୍ରାନ୍ତ ସଂଖ୍ୟା ୧୭ ହଜାର ଛୁଇଁବ**

**-ସୁସ୍ଥ ସଂଖ୍ୟା ୧୨ ହଜାର ଡେଇଁଲା**

ତେବେ ବିଏମ୍‌ସି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ମଙ୍ଗଳବାର ଭୁବନେଶ୍ୱରର ସଙ୍ଗରୋଧରୁ ଚିହ୍ନଟ ସମସ୍ତ ୯୮ ଜଣ ଆକ୍ରାନ୍ତ ପୂର୍ବରୁ ଚିହ୍ନଟ ହୋଇଥିବା ପଜିଟିଭ୍ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ଏଥିରେ କଳିଙ୍ଗ ନଗରରୁ ୪ ଜଣ, ୟୁନିଟ୍-୩ରୁ ୩, ବେହେରାସାହିରୁ ୩ କରୋନା ଆକ୍ରାନ୍ତ ଅଛନ୍ତି। ସେହିପରି ସ୍ଥାନୀୟ ସଂକ୍ରମିତ ଭାବେ ଆଇଆର୍‌ସି ଭିଲେଜ୍ ଅଞ୍ଚଳ, ୟୁନିଟ୍-୯ରୁ ସର୍ବାଧିକ ୯, ଡୁମୁଡୁମାରୁ ୭, ରସୁଲଗଡ଼, ଶୈଳଶ୍ରୀ ବିହାର, ବରମୁଣ୍ଡା, ୟୁନିଟ୍-୬ରୁ ୬ ଜଣ ଲେଖାଏଁ, ବମିଖାଲରୁ ୫, ମଞ୍ଚେଶ୍ୱର, ପଲାଶୁଣୀ, ପଟିଆ, ବିଜେବିନଗର, ନୟାପଲ୍ଲୀରୁ ୪ ଜଣ ଲେଖାଏଁ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଭୁବନେଶ୍ୱରରୁ ମଙ୍ଗଳବାର ୩୮୭ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସହିଦନଗରରୁ ୨୦, ନୟାପଲ୍ଲୀରୁ ୧୮, ପଟିଆ ବିଗ୍‌ବଜାର ଅଞ୍ଚଳରୁ ୧୩, ୟୁନିଟ୍-୯ରୁ ୧୦, ବିଡିଏ କଲୋନୀ, ୟୁନିଟ୍-୪ରୁ ୯ ଜଣ ଅଛନ୍ତି। ଅନୁରୂପ ଭାବେ ୟୁନିଟ୍-୨ ଓ ୟୁନିଟ୍-୩ ସରକାରୀ କ୍ୱାର୍ଟର୍ସରୁ ୭, ସତ୍ୟବିହାରରୁ ୭, ବରମୁଣ୍ଡା ଗାଁରୁ ୬, ସୈନିକ ସ୍କୁଲ୍‌ରୁ ୬ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏହି ସୁସ୍ଥଙ୍କୁ ମିଶାଇ ଭୁବନେଶ୍ୱରରେ ମୋଟ୍ ସୁସ୍ଥଙ୍କ ସଂଖ୍ୟା ୧୨ ହଜାର ୨୮୮କୁ ବୃଦ୍ଧିପାଇଛି। ତେବେ ବର୍ତ୍ତମାନ ସୁଦ୍ଧା ୪୫୬୮ ଜଣ ଆକ୍ରାନ୍ତ ସକ୍ରିୟ ସଂକ୍ରମିତ ଭାବେ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି। ତେବେ କିଛିଦିନ ହେବ କ୍ରମାଗତ ଭାବେ ରାଜଧାନୀରୁ କରୋନାରେ ମୃତ୍ୟୁ ସଂଖ୍ୟା ସାମ୍ନାକୁ ଆସୁଥିଲା। ଦୈନିକ ପ୍ରାୟ ୨ ଜଣ ଲେଖାଏଁ ଆକ୍ରାନ୍ତ ପ୍ରାଣ ହରାଉଥିଲେ। ମାତ୍ର ସେଥିରେ ମଙ୍ଗଳବାର ବ୍ରେକ୍ ଲାଗିଛି। ମଙ୍ଗଳବାର ସହରରୁ କୌଣସି ଆକ୍ରାନ୍ତଙ୍କର ମୃତ୍ୟୁ ହୋଇନଥିବା ବେଳେ ମୃତ୍ୟୁ ସଂଖ୍ୟା ସେହି ୬୪ ରେ ସୀମିତ ରହିଛି।

## ଟିପିସିଓଡିଏଲ୍‌ର କାର୍ଯ୍ୟକୁ ଉଚ୍ଚ ପ୍ରଶଂସା

**ଚନ୍ଦ୍ରଶେଖରପୁର,୧୬।୯/ଏନ୍‌ଏନ୍‌ଏସ୍:** ବର୍ତ୍ତମାନ ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀଠାରୁ ନନ୍ଦନକାନନ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଚାଲିଛି ରାସ୍ତା ପ୍ରଶସ୍ତିକରଣ। ଏହା ଯୋଗୁଁ ରାସ୍ତା କଡ଼ରେ ଥିବା ସମସ୍ତ ବିଦ୍ୟୁତ୍ ସବ୍‌ଷ୍ଟେସନକୁ ମଧ୍ୟ ଯୁଦ୍ଧକାଳୀନ ଭିତରେ ସ୍ଥାନାନ୍ତରଣ କରାଯାଉଛି। ଯାହାକୁ ପୁନର୍ବାର ସ୍ଥାପନା କରାଯାଇ ସେଥିରେ ଲାଇନ୍ ସଂଯୋଗ କରାଯିବା ଏକ ଚାଲେଞ୍ଜ ଥିଲା। ବହୁତ କମ୍ ସମୟ ମଧ୍ୟରେ ଅତି ସୁନ୍ଦର ଭାବେ ସ୍ଥାପନା କରାଯାଇ ସମସ୍ତ ଉପଭୋକ୍ତାଙ୍କ ଘରକୁ ଲାଇନ୍ ସଂଯୋଗ କରାଯାଇଥିଲା ବୋଲି ଟିପିସିଓଡିଏଲ୍‌ର ଇଂ. ସ୍ମୃତିରଞ୍ଜନ ପ୍ରଧାନ କହିଛନ୍ତି। ଏହି କାର୍ଯ୍ୟକୁ ଅତିଶୀଘ୍ର କରାଯାଇ ଲୋକଙ୍କ ଅସୁବିଧାକୁ ପୂରଣ କରିଥିବାରୁ ସ୍ଥାନୀୟ ବାସିନ୍ଦା ଟିପିସିଓଡିଏଲ୍‌କୁ ଉଚ୍ଚ ପ୍ରଶଂସା କରିଛନ୍ତି।

ନିତିଦିନ NITIDIN
Wed, Sep 16, 2020
http://odishanewsnitidin.com